# PAPER-III
# ODIA

**Signature and Name of Invigilator**

1. (Signature) ______________________________

   (Name) ______________________________

2. (Signature) ______________________________

   (Name) ______________________________

| J | 2 | 3 | 1 | 6 |
|---|---|---|---|---|

OMR Sheet No. : ............................................

(To be filled by the Candidate)

Roll No. | | | | | | | | |

(In figures as per admission card)

Roll No.______________________________

(In words)

Time : **2 ½** hours] [Maximum Marks : **150**

Number of Pages in this Booklet : **16** Number of Questions in this Booklet : **75**

## Instructions for the Candidates

1. Write your roll number in the space provided on the top of this page.
2. This paper consists of seventy five multiple-choice type of questions.
3. At the commencement of examination, the question booklet will be given to you. In the first 5 minutes, you are requested to open the booklet and compulsorily examine it as below :
   (i) To have access to the Question Booklet, tear off the paper seal on the edge of this cover page. Do not accept a booklet without sticker-seal and do not accept an open booklet.
   (ii) **Tally the number of pages and number of questions in the booklet with the information printed on the cover page. Faulty booklets due to pages/questions missing or duplicate or not in serial order or any other discrepancy should be got replaced immediately by a correct booklet from the invigilator within the period of 5 minutes. Afterwards, neither the Question Booklet will be replaced nor any extra time will be given.**
   (iii) After this verification is over, the Test Booklet Number should be entered on the OMR Sheet and the OMR Sheet Number should be entered on this Test Booklet.
4. Each item has four alternative responses marked (1), (2), (3) and (4). You have to darken the circle as indicated below on the correct response against each item.
   **Example :** ① ② ● ④
   where (3) is the correct response.
5. Your responses to the items are to be indicated in the **OMR Sheet given inside the Booklet only.** If you mark your response at any place other than in the circle in the OMR Sheet, it will not be evaluated.
6. Read instructions given inside carefully.
7. Rough Work is to be done in the end of this booklet.
8. If you write your Name, Roll Number, Phone Number or put any mark on any part of the OMR Sheet, except for the space allotted for the relevant entries, which may disclose your identity, or use abusive language or employ any other unfair means, such as change of response by scratching or using white fluid, you will render yourself liable to disqualification.
9. You have to return the Original OMR Sheet to the invigilators at the end of the examination compulsorily and must not carry it with you outside the Examination Hall. You are, however, allowed to carry original question booklet and duplicate copy of OMR Sheet on conclusion of examination.
10. **Use only Black Ball point pen provided by C.B.S.E.**
11. **Use of any calculator or log table etc., is prohibited.**
12. **There is no negative marks for incorrect answers.**

## परीक्षार्थियों के लिए निर्देश

1. इस पृष्ठ के ऊपर नियत स्थान पर अपना रोल नम्बर लिखिए ।
2. इस प्रश्न-पत्र में पचहत्तर बहुविकल्पीय प्रश्न हैं ।
3. परीक्षा प्रारम्भ होने पर, प्रश्न-पुस्तिका आपको दे दी जायेगी । पहले पाँच मिनट आपको प्रश्न-पुस्तिका खोलने तथा उसकी निम्नलिखित जाँच के लिए दिये जायेंगे, जिसकी जाँच आपको अवश्य करनी है :
   (i) प्रश्न-पुस्तिका खोलने के लिए पुस्तिका पर लगी कागज की सील को फाड़ लें । खुली हुई या बिना स्टीकर-सील की पुस्तिका स्वीकार न करें ।
   (ii) **कवर पृष्ठ पर छपे निर्देशानुसार प्रश्न-पुस्तिका के पृष्ठ तथा प्रश्नों की संख्या को अच्छी तरह चैक कर लें कि ये पूरे हैं । दोषपूर्ण पुस्तिका जिनमें पृष्ठ/प्रश्न कम हों या दुबारा आ गये हों या सीरियल में न हों अर्थात किसी भी प्रकार की त्रुटिपूर्ण पुस्तिका स्वीकार न करें तथा उसी समय उसे लौटाकर उसके स्थान पर दूसरी सही प्रश्न-पुस्तिका ले लें । इसके लिए आपको पाँच मिनट दिये जायेंगे । उसके बाद न तो आपकी प्रश्न-पुस्तिका वापस ली जायेगी और न ही आपको अतिरिक्त समय दिया जायेगा ।**
   (iii) इस जाँच के बाद प्रश्न-पुस्तिका का नंबर OMR पत्रक पर अंकित करें और OMR पत्रक का नंबर इस प्रश्न-पुस्तिका पर अंकित कर दें ।
4. प्रत्येक प्रश्न के लिए चार उत्तर विकल्प (1), (2), (3) तथा (4) दिये गये हैं । आपको सही उत्तर के वृत्त को पेन से भरकर काला करना है जैसा कि नीचे दिखाया गया है :
   **उदाहरण** : ① ② ● ④
   जबकि (3) सही उत्तर है ।
5. प्रश्नों के उत्तर **केवल प्रश्न पुस्तिका के अन्दर दिये गये OMR पत्रक पर ही** अंकित करने हैं । यदि आप OMR पत्रक पर दिये गये वृत्त के अलावा किसी अन्य स्थान पर उत्तर चिह्नांकित करते हैं, तो उसका मूल्यांकन नहीं होगा ।
6. अन्दर दिये गये निर्देशों को ध्यानपूर्वक पढ़ें ।
7. कच्चा काम (Rough Work) इस पुस्तिका के अन्तिम पृष्ठ पर करें ।
8. यदि आप OMR पत्रक पर नियत स्थान के अलावा अपना नाम, रोल नम्बर, फोन नम्बर या कोई भी ऐसा चिह्न जिससे आपकी पहचान हो सके, अंकित करते हैं अथवा अभद्र भाषा का प्रयोग करते हैं, या कोई अन्य अनुचित साधन का प्रयोग करते हैं, जैसे कि अंकित किये गये उत्तर को मिटाना या सफेद स्याही से बदलना तो परीक्षा के लिये अयोग्य घोषित किये जा सकते हैं ।
9. आपको परीक्षा समाप्त होने पर मूल OMR पत्रक निरीक्षक महोदय को लौटाना आवश्यक है और परीक्षा समाप्ति के बाद उसे अपने साथ परीक्षा भवन से बाहर न लेकर जायें । हालांकि आप परीक्षा समाप्ति पर मूल प्रश्न-पुस्तिका तथा OMR पत्रक की डुप्लीकेट प्रति अपने साथ ले जा सकते हैं ।
10. **केवल C.B.S.E. द्वारा प्रदान किये गये काले बाल प्वाईंट पेन का ही इस्तेमाल करें ।**
11. **किसी भी प्रकार का संगणक (कैलकुलेटर) या लाग टेबल आदि का प्रयोग वर्जित है ।**
12. **गलत उत्तरों के लिए कोई नकारात्मक अंक नहीं हैं ।**

## ODIA
## ଓଡ଼ିଆ

## Paper – III
## ପ୍ରଶ୍ନପତ୍ର – III

**Note :** This paper contains **seventy five (75)** objective type questions, each question carrying **two (2)** marks. Attempt **all** the questions.

**ନିର୍ଦ୍ଦେଶ :** ଏହି ପତ୍ରରେ **ପଞ୍ଚସ୍ତରୀ** (75) ଟି **ବହୁବିକଳ୍ପୀୟ** ପ୍ରଶ୍ନ ରହିଛି । ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟାଙ୍କ **ଦୁଇ** (2) । **ସମସ୍ତ** ପ୍ରଶ୍ନର ଉତ୍ତର ଦିଅ ।

**1.** ପଶୁପକ୍ଷୀମୂଳକ ଲୋକ କାହାଣୀରେ ଚିତ୍ରିତ ପଶୁପକ୍ଷୀଙ୍କ ବୈଶିଷ୍ଟ୍ୟ :

(1) ସେମାନେ ପ୍ରତିବାଦ କରିପାରନ୍ତି (2) ସେମାନେ ମନୁଷ୍ୟ ସୁଲଭ ଗୁଣର ଅଧିକାରୀ
(3) ସେମାନେ ସର୍ବଦା ଦଳବଦ୍ଧ (4) ସେମାନେ କୁହୁକ ଶକ୍ତିର ଅଧିକାରୀ

**2.** ଲୋକ ନାଟକରେ 'ଭୂମିକା' ଦୃଷ୍ଟିରୁ କିଏ ସମପର୍ଯ୍ୟାୟବାଚୀ ଚରିତ୍ର ?

(1) ବିବେକ ଓ ନିୟତି (2) ରାଜା ଓ ବିଦୂଷକ
(3) ଖଳ ଓ ସାଧୁ (4) ନର୍ତ୍ତକୀ ଓ ସନ୍ନ୍ୟାସୀ

**3.** କାନ୍ଦଣା ଗୀତରେ କଥିତ "ଘୁଷୁରୀ ବେକରେ ମୁକୁତାମାଳ ଲୋ ବୋଉ" କଥାଟିରେ ଘୁଷୁରୀ କିଏ ?

(1) ପଶୁ ବିଶେଷ (2) କନ୍ୟାର ପିତା
(3) ପ୍ରସ୍ତାବିତ ସ୍ୱାମୀ (4) ବରଯାତ୍ରୀ

**4.** ରଜ ଦୋଳି ଗୀତରେ କେଉଁମାନଙ୍କ ମାନସିକତା ଫୁଟି ଉଠେ ?

(1) ବିବାହିତା ସ୍ତ୍ରୀ ମାନଙ୍କର (2) ବିଧବା ମାନଙ୍କର
(3) ସାନ ପିଲାମାନଙ୍କର (4) କିଶୋରୀମାନଙ୍କର

**5.** ଭାରତଲୀଳାରେ କେଉଁ ଦୁଇ ଚରିତ୍ର ସଂପୃକ୍ତ ?

(1) ଶାନ୍ତନୁ-ଗଙ୍ଗା (2) ଯୁଧିଷ୍ଠିର-ଦ୍ରୌପଦୀ
(3) ଅର୍ଜୁନ-ସୁଭଦ୍ରା (4) ଭୀମ-ହିଡ଼ିମ୍ବା

**6.** ଲୋକବିଶ୍ୱାସ ଅନୁଯାୟୀ 'ଦାସକାଠିଆ' ସୃଷ୍ଟି ମୂଳରେ କିଏ ?

(1) ଭରତ (2) ଦାସରାଜା
(3) ବାଳି (4) ହନୁମାନ

**7.** ଇଣ୍ଡିଆନ ଥିଓରୀ ବା ମାଇଗ୍ରେସନାଲ ଥିଓରୀର ପ୍ରବକ୍ତା କିଏ ?

(1) ମାକ୍ସମୁଲାର (2) ଥିଓଡ଼ର ବେନଫେ
(3) ରେମନ ଜାକବସନ (4) ମଜହାରୁଲ ଇସଲାମ

8. "ତୋହ୍ୱୋର ଅନ୍ତରେ ଛାଡ଼ି ନଡ଼ପେଡ଼ା" – ଚର୍ଯ୍ୟା ଗୀତିକାର ଏହି ପାଦଟିର ରଚୟିତା କିଏ ?

(1) କାହ୍ନୁପାଦ (2) ଦାରିକପାଦ

(3) ସରହପାଦ (4) ଲୁଇପାଦ

9. ପୁରୀ ଜଗନ୍ନାଥ ମନ୍ଦିରର ଜୟବିଜୟ ଦ୍ୱାରର ଦକ୍ଷିଣ ପାର୍ଶ୍ୱରେ ଲିଖିତ ଶିଳାଲେଖ କାହା ସମୟର ?

(1) କପିଳେନ୍ଦ୍ରଦେବ (2) ପୁରୁଷୋତ୍ତମଦେବ

(3) ପ୍ରତାପରୁଦ୍ରଦେବ (4) ମୁକୁନ୍ଦଦେବ

10. "କୋଇଲି ବୋଲିଣ ପାର୍ଥ ଜବକୁଟି କହି
ସେହି ଜୀବ ମୁହିଁ ଜାଣ ସର୍ବତ୍ର ଅଟଇ ।" – ପଦଟି କେଉଁ ରଚନାରୁ ଆନୀତ ?

(1) କେଶବ କୋଇଲି (2) ଜ୍ଞାନୋଦୟ

(3) ଅର୍ଥ କୋଇଲି (4) କାନ୍ତ କୋଇଲି

11. ଇନ୍ଦ୍ରଭୂତି ଓଡ଼ିଆ ଥିବାର କେଉଁ ଗ୍ରନ୍ଥରେ ପ୍ରମାଣ ମିଳେ ?

(1) ତନ୍ତ୍ରସାର (2) ଜ୍ଞାନସିଦ୍ଧି

(3) କୁରଙ୍ଗମ ଜାତକ (4) ବିନୟ ପିଟକ

12. 'ବିରୁଦ' ଶବ୍ଦର ଅର୍ଥ କ'ଣ ?

(1) ବିରୁଡ଼ି ବସା (2) ବିରାଟତ୍ୱ

(3) ରାଜ ପ୍ରଶସ୍ତି (4) ବୀରାଙ୍ଗନା

13. ଉଭୟ ଗଦ୍ୟ ଓ ପଦ୍ୟର ଆଂଶିକ ମିଶ୍ରଣରେ ରଚିତ ଗ୍ରନ୍ଥ କେଉଁଟି ?

(1) ସୋମନାଥ ବ୍ରତକଥା (2) ଲକ୍ଷ୍ମୀ ନାରାୟଣ ବଚନିକା

(3) ନାଗଲ ଚଉଠି (4) ରୁଦ୍ର ସୁଧାନିଧି

14. କେଉଁ ରାଜାଙ୍କ ସମୟରେ ବୌଦ୍ଧ ବ୍ରାହ୍ମଣ କଳି ହୋଇଥିଲା ?

(1) ଦିବ୍ୟସିଂହଦେବ (2) ମଦନ ମହାଦେବ

(3) ପ୍ରତାପରୁଦ୍ରଦେବ (4) ଅନଙ୍ଗଭୀମଦେବ

15. 'ସହଜଚକ୍ରର' ପରିକଳ୍ପନା କେଉଁ ଧର୍ମ ସଂଜାତ ?

(1) ଜୈନ ଧର୍ମ (2) ଶାକ୍ତ ଧର୍ମ

(3) ବୌଦ୍ଧ ଧର୍ମ (4) ନାଥ ଧର୍ମ

**16.** ‘ଅପର ସନ୍ୟାସୀ’ କେଉଁ ଧର୍ମର ପାରିଭାଷିକ ଶବ୍ଦ ?

(1) ଜୈନ ଧର୍ମ (2) ସତ୍‌ନାମୀ ଧର୍ମ

(3) ସନାତନ ହିନ୍ଦୁ ଧର୍ମ (4) ମହିମା ଧର୍ମ

**17.** ତାନ୍ତ୍ରିକ ‘ପଞ୍ଚମକାର’ ସାଧନାର ‘ମତ୍ସ୍ୟ’ ଶବ୍ଦର ଯୌଗିକ ଅର୍ଥ କ’ଣ ?

(1) ପରଂବ୍ରହ୍ମ (2) ଶ୍ୱାସବାୟୁ

(3) ଚକ୍ଷୁ (4) ଲକ୍ଷ୍ୟଭେଦ

**18.** ‘Buddhism in Orissa’ ଗ୍ରନ୍ଥର ଲେଖକ କିଏ ?

(1) ନବୀନ କୁମାର ସାହୁ (2) ଆର୍ତ୍ତବଲ୍ଲଭ ମହାନ୍ତି

(3) ବିଚ୍ଛନ୍ଦ ଚରଣ ପଟ୍ଟନାୟକ (4) ବଂଶୀଧର ମହାନ୍ତି

**19.** କେଉଁ ଗ୍ରନ୍ଥରେ ଚୌରାଙ୍ଗୀନାଥଙ୍କ ପରି ବାଙ୍କୀଗଡ଼ର ରାଜପୁତ୍ର ଅବଧୂତ ହେବା କଥା ବର୍ଣ୍ଣିତ ?

(1) ହେତୁ ଉଦୟ ଭାଗବତ (2) ପରଚେ ଗୀତା

(3) ଶିଶୁ ବେଦ (4) ସପ୍ତାଙ୍ଗଯୋଗ

**20.** କେଉଁ ଗ୍ରନ୍ଥରୁ ବଳରାମ ଦାସଙ୍କ ଗଦ୍ୟ ରଚ଼ନାର ନମୁନା ମିଳେ ?

(1) ଜଗମୋହନ ରାମାୟଣ (2) ବ୍ରହ୍ମଗୀତା

(3) ବ୍ରହ୍ମାଣ୍ଡ ଭୂଗୋଳ (4) ବଟ ଅବକାଶ

**21.** ଧନଞ୍ଜୟ ଭଞ୍ଜଙ୍କ କେଉଁ କାବ୍ୟକୁ ଉତ୍ସ କରି ବୈଦେହୀଶ ବିଳାସ କାବ୍ୟ ରଚ଼ିତ ?

(1) ଅନଙ୍ଗରେଖା (2) ତ୍ରିପୁରମୋହିନୀ

(3) ଇଚ୍ଛାବତୀ (4) ଶ୍ରୀରାମ ବିଳାସ

**22.** ବିହ୍ଲଣଙ୍କ ‘ଚୌର ପଞ୍ଚାଶିକା’ ଦ୍ୱାରା ପ୍ରଭାବିତ କାବ୍ୟ କେଉଁଟି ?

(1) ଚାଟ ଇଚ୍ଛାବତୀ (2) ଶଶିସେଣା

(3) ଇଚ୍ଛାବତୀ (4) ଉଷାଭିଳାଷ

**23.** ‘ଜୈମିନୀ ଭାରତ’ ର ସ୍ରଷ୍ଟା କିଏ ?

(1) ବିପ୍ର ନାରାୟଣ ଦାସ (2) ନୀଳାମ୍ବର ଦାସ

(3) ଜଗନ୍ନାଥ ଦାସ (4) ବାନାମ୍ବର ଦାସ

**24.** ରାଗ 'ଆଶାବରୀ' କେତେ ଅକ୍ଷର ବିଶିଷ୍ଟ ?

(1) ନଅ ଅକ୍ଷର (2) ବାର ଅକ୍ଷର

(3) ଚଉଦ ଅକ୍ଷର (4) ଅଠର ଅକ୍ଷର

**25.** ଅର୍ଥକୁ ନେଇ 'ଅର୍ଥାଳଙ୍କାର' ; ଧ୍ୱନିକୁ ନେଇ କେଉଁ ଅଳଙ୍କାର ?

(1) ଅନୁପ୍ରାସ ଅଳଙ୍କାର (2) ସଙ୍କର ଅଳଙ୍କାର

(3) ସଂସୃଷ୍ଟି ଅଳଙ୍କାର (4) ଶବ୍ଦାଳଙ୍କାର

**26.** କାରଣ ଥାଇ ସୁଦ୍ଧା କାର୍ଯ୍ୟର ଉତ୍ପତ୍ତି ନହେଲେ କେଉଁ ଅଳଙ୍କାର ହୁଏ ?

(1) ବିଶେଷୋକ୍ତି (2) ବିଭାବନା

(3) ବିରୋଧାଭାସ (4) ସ୍ୱଭାବୋକ୍ତି

**27.** ନିମ୍ନ ପଦଟି କେଉଁ ଛନ୍ଦରେ ରଚିତ ?

"ହା ଦୈବ, ଜମ୍ବୁକ ପଶି ହର୍ଯ୍ୟକ୍ଷ – ଗୁହାରେ
ଗୋଇଠା ପ୍ରହାରି ନେବ ତା ମୁଖୁଁ ଓଟାରି
ଗ୍ରାସ ତା'ର, ହର୍ଯ୍ୟକ୍ଷ ତା ସହିବ ମଉନେ !
ଏ ଲାଞ୍ଛନା ଥିଲା ପୁଣି ଆର୍ଯ୍ୟର ଲଲାଟେ !"

(1) ମୁକ୍ତଛନ୍ଦ (2) ମିଶ୍ରଛନ୍ଦ

(3) ଅମିତ୍ରାକ୍ଷର ଛନ୍ଦ (4) ଗଦ୍ୟଛନ୍ଦ

**28.** କିଏ 'ରିଡ଼ରଲି ଟେକ୍‌ସ୍‌ଟ' ଓ 'ରାଇଟରଲି ଟେକ୍‌ସ୍‌ଟ' ପରି ପାରିଭାଷିକ ଶବ୍ଦର ସ୍ରଷ୍ଟା ?

(1) ଆଇ.ଏ.ରିଚାର୍ଡ଼ସ (2) ରୋଲାଁବାଥ୍

(3) ଜାକ୍ ଡେରିଡ଼ା (4) ଭର୍ଜିନିଆ ଉଲ୍‌ଫ୍

**29.** Diachronic ଆଲୋଚନା କହିଲେ କାହାକୁ ବୁଝାଏ ?

(1) ମନସ୍ତାତ୍ତ୍ୱିକ ଆଲୋଚନା (2) ଚରିତ୍ରଭିତ୍ତିକ ଆଲୋଚନା

(3) କାଳ ଓ କଳାଭିତ୍ତିକ ଆଲୋଚନା (4) କାଳାନୁକ୍ରମିକ ଆଲୋଚନା

**30.** "ସେ କହିଲା ଏଇ ମୋର ସାର୍ଜ ଶାଢୀ ଆକାଶରେ ତରା ଆଉ ତରା
ତୁମରି ଭ୍ରୂଲତା ତଳେ ହଜିଯାଏ ରାଧାନାଥ ରାୟ୍ ଆଉ ସଚ୍ଚି ରାଉତରା"
– ପଂକ୍ତିଟିରେ କେଉଁ କାବ୍ୟ କୌଶଳ ପ୍ରଯୁକ୍ତ ?

(1) ଅନୁଷଙ୍ଗ ପ୍ରଦାନ (2) ଇତିହାସ ଚେତନା

(3) ବାସ୍ତବବାଦ (4) ବ୍ୟଞ୍ଜନା

**31.** 'Aspects of the theory of syntax' ପୁସ୍ତକର ରଚୟିତା କିଏ ?

(1) ଲିଓନାର୍ଡ଼ ବ୍ଲୁମଫିଲ୍ଡ (2) ଫ୍ରାନ୍ଜ ବୋଆସ

(3) ନୋଆମ ଚମସ୍କି (4) ଏଡ଼ିୱାର୍ଡ ସାଫିର

**32.** ଅନନ୍ତ ପଟ୍ଟନାୟକଙ୍କ କବିତାର ମୁଖ୍ୟ ଚେତନା କ'ଣ ?

(1) ବାସ୍ତବବାଦୀ (2) ସାମ୍ୟବାଦୀ

(3) ଭବିଷ୍ୟବାଦୀ (4) ଆଧିଭୌତିକବାଦୀ

**33.** ନିମ୍ନୋକ୍ତ କେଉଁ ପୁସ୍ତକରେ 'ଅତିବାସ୍ତବବାଦୀ ଚେତନା' (Surrealism) ପ୍ରକାଶ ପାଇଛି ?

(1) କୃଷ୍ଣଚୂଡ଼ା (2) ରୁଟି ଓ ଚନ୍ଦ୍ର

(3) କବି ଓ ନର୍ତ୍ତକୀ (4) ମରାଳର ମୃତ୍ୟୁ

**34.** ନିମ୍ନ ପଦଟି କେଉଁ କାବ୍ୟରୁ ଆଗତ ?

"ମୋ ତନୁ ଦଗ୍ଧ ହେଲେ ହେବ ତ କ୍ଷାର
ତାହାକୁ କରାଇବ ପାଦପେ ସାର ।
ସେ କାଷ୍ଠଦେଇ ଗ୍ରାମ ବର୍ଦ୍ଧକୀ ହସ୍ତେ
ଗଢାଇ ଦେବ ପ୍ରଭୁ ପାଦୁକା ମୋତେ ।"

(1) ରସ ରତ୍ନାକର (2) କୀଚକ ବଧ

(3) ତପସ୍ୱିନୀ (4) ପ୍ରଣୟ ବଲ୍ଲରୀ

**35.** ରାଜେନ୍ଦ୍ର ନାରାୟଣ ସିଂହଦେଓଙ୍କ ପୃଷ୍ଠପୋଷକତାରେ କେଉଁ ପତ୍ରିକାର ଆତ୍ମପ୍ରକାଶ ଘଟିଥିଲା ?

(1) ଆସନ୍ତାକାଲି (2) ଚତୁରଙ୍ଗ

(3) ନବରବି (4) ଆଧୁନିକ

**36.** ବେତାର ନାଟକ ପାଇଁ କେଉଁ ଅଭିନୟ ଅପରିହାର୍ଯ୍ୟ ?

(1) ବାଚିକ (2) ଆହାର୍ଯ୍ୟ

(3) ଆଙ୍ଗିକ (4) ସାତ୍ତ୍ୱିକ

**37.** 'ଓଡ଼ିଆ ସେନିମା ଗୀତ'ର ସଂକଳକ କିଏ ?

(1) ଅକ୍ଷୟ ମହାନ୍ତି (2) ଶରତ ଚନ୍ଦ୍ର ରଥ

(3) ଅମୀୟବାଳା ପଟ୍ଟନାୟକ (4) ସୂର୍ଯ୍ୟ ଦେଓ

**38.** 'Typical Selections from Oriya Literature'ର ସଂପାଦକ କିଏ ?

(1) ନୀଳକଣ୍ଠ ଦାସ (2) ମନମୋହନ ଚକ୍ରବର୍ତ୍ତୀ

(3) ବିଜୟଚନ୍ଦ୍ର ମଜୁମଦାର (4) ସୁକୁମାର ସେନ

39. 'Notes on Language and Literature of Orissa' ଶୀର୍ଷକ ରଚ଼ନାଟି କାହ଼ାର ?

(1) ଜନ୍ ବୀମ୍ସ (2) ମନମୋହ଼ନ ଚ଼କ୍ରବର୍ତ୍ତୀ

(3) ବିଜୟ୍‌ଚ଼ନ୍ଦ୍ର ମଜୁମ୍‌ଦାର (4) ଉଇଲିୟ୍‌ମ କେରୀ

40. ନିମ୍ନୋକ୍ତ କେଉଁଟି ବୌଦ୍ଧଯୁଗର ପୃଷ୍ଠଭୂମିରେ ରଚ଼ିତ ଉପନ୍ୟାସ ?

(1) ଅନାଦି ଅନନ୍ତ (2) କାଳାନ୍ତର

(3) ଖାରବେଳ (4) ରାଣୀ କର୍ପୂରଶ୍ରୀ

41. ପ୍ରଫୁଲ୍ଲ କୁମାର ଦାସଙ୍କ ରଚିତ 'ବହ୍ନିମାନ' କେଉଁ ବ୍ୟକ୍ତିତ୍ୱଙ୍କ ଜୀବନୀଗ୍ରନ୍ଥ ?

(1) ରମାଦେବୀ (2) ସରଳାଦେବୀ

(3) ରବି ସିଂ (4) ସୁଭାଷ ଚନ୍ଦ୍ର ବୋଷ

42. "ସ୍ୱର୍ଗୀୟ୍ ବୃତ୍ତି ମନୁଷ୍ୟକୁ ଦେବ ରୂପରେ ପରିଣତ କରେ ଓ ନାରକୀୟ୍ ବୃତ୍ତି ରାକ୍ଷସ କରିପକାଏ" – ଏହ଼ି ବାକ୍ୟଟି କେଉଁ ଗ୍ରନ୍ଥରୁ ଆନୀତ ?

(1) ଶକୁନ୍ତଳା (2) ଛମାଣ ଆଠଗୁଣ୍ଠ

(3) ଦାନାପାଣି (4) ଯନ୍ତ୍ରାରୂଢ

43. 'ଇତିହ଼ାସ ଓ କିମ୍ବଦନ୍ତୀ' ଗ୍ରନ୍ଥଟି କାହ଼ାର ?

(1) ହ଼ରେକୃଷ୍ଣ ମହ଼ତାବ (2) ମନ୍ମଥନାଥ ଦାସ

(3) କୃଷ୍ଣଚ଼ନ୍ଦ୍ର ପାଣିଗ୍ରାହ଼ୀ (4) କରୁଣା ସାଗର ବେହ଼େରା

44. 'ବର୍ଷା ଋତୁ ନିଷ୍ଠୁର ନିର୍ମମ' – କେଉଁ ଆଧୁନିକ କବିତାରୁ ଆଗତ ?

(1) ବାଜିରାଉତ (2) ଟିଙ୍କି ବୋହ଼ୂଟି

(3) କାଳପୁରୁଷ (4) ବସୁସେଣ

45. 'ଫତୁରାନନ୍ଦ' କେଉଁ ସ୍ରଷ୍ଟାଙ୍କର ଛଦ୍ମନାମ ?

(1) ରାମଚ଼ନ୍ଦ୍ର ମିଶ୍ର (2) ଶ୍ୟାମସୁନ୍ଦର ମିଶ୍ର

(3) ସୌଭାଗ୍ୟ କୁମାର ମିଶ୍ର (4) କୃପାସିନ୍ଧୁ ମିଶ୍ର

46. ନିମ୍ନ ପ୍ରଦତ୍ତ ଶବ୍ଦ ମଧ୍ୟରୁ କେଉଁଟିର ଅର୍ଥ ସଂକୋଚ଼ନ ଘଟିଛି ?

(1) କାଳି (2) ପଙ୍କଜ

(3) ଗବେଷଣା (4) ଦେଶ

**47.** ଜଉଗଡ଼ ଶିଳାଲେଖ ସହିତ କେଉଁ ରାଜାଙ୍କ ନାମ ଜଡ଼ିତ ?

(1) କୃଷ୍ଣଦେବରାୟ

(2) ଚନ୍ଦ୍ରଗୁପ୍ତ

(3) ଆଓରଙ୍ଗଜେବ

(4) ଅଶୋକ

**48.** 'ର୍' କେଉଁ ବ୍ୟଞ୍ଜନ ଧ୍ୱନି ?

(1) ଉତ୍କ୍ଷିପ୍ତ

(2) ସଂଘର୍ଷୀ

(3) ଲୋଡ଼ିତ

(4) ଅଘୋଷ

**49.** ସିଂହ ହାତୀଠାରୁ ବଳୁଆ । 'ହାତୀଠାରୁ' କେଉଁ ବିଭକ୍ତି ?

(1) ଦ୍ୱିତୀୟା

(2) ପଞ୍ଚମୀ

(3) ସପ୍ତମୀ

(4) ତୃତୀୟା

**50.** 'ଓଡ଼ିଆ ଭାଷା ଓ ଲିପିର ବିବର୍ତ୍ତନ' ପୁସ୍ତକର ରଚୟିତା କିଏ ?

(1) କୁଞ୍ଜବିହାରୀ ତ୍ରିପାଠୀ

(2) ଧନେଶ୍ୱର ମହାପାତ୍ର

(3) ସତ୍ୟନାରାୟଣ ରାଜଗୁରୁ

(4) ବାସୁଦେବ ସାହୁ

**51.** 'ଆଲକାତରା' କି ପ୍ରକାର ଶବ୍ଦ ?

(1) ଯାବନିକ

(2) ଦେଶଜ

(3) ଇଂରାଜୀ

(4) ପର୍ତ୍ତୁଗୀଜ

**52.** ପ୍ରକାଶ କାଳ ଅନୁସାରେ ଉପନ୍ୟାସ ଗୁଡ଼ିକୁ ସଜାଇ ଦିଅ ।

(a) କୁନ୍ତୀ କୁନ୍ତଳା ସକୁନ୍ତଳା

(b) ଭ୍ରାନ୍ତି

(c) ରାଣୀ ଶ୍ୟାମାବତୀ

(d) ଚୋରାବାଲି

**Code :**

(1) (d), (c), (b), (a)

(2) (b), (d), (c), (a)

(3) (b), (d), (a), (c)

(4) (c), (d), (b), (a)

**53.** ଗ୍ରନ୍ଥଗୁଡ଼ିକୁ ପ୍ରକାଶ କାଳ କ୍ରମରେ ସଜାଅ ।

(a) ଫଟାମାଟି

(b) କୁଳବୃଦ୍ଧ

(c) ଶତାବ୍ଦୀର ସୂର୍ଯ୍ୟ

(d) ନେତିନେତି

**Code :**

| | | | |
|---|---|---|---|
| (1) | (b), (d), (c), (a) | (2) | (a), (d), (c), (b) |
| (3) | (c), (b), (d), (a) | (4) | (c), (d), (b), (a) |

**54.** ରାଜବଂଶମାନଙ୍କର ସମୟ କ୍ରମ ନିର୍ଦ୍ଧାରଣ କର ।

(a) ସୂର୍ଯ୍ୟ ବଂଶ

(b) ଗଙ୍ଗ ବଂଶ

(c) କେଶରୀ ବଂଶ

(d) ଶୈଳୋଦ୍ଭବ ବଂଶ

**Code :**

| | | | |
|---|---|---|---|
| (1) | (d), (c), (b), (a) | (2) | (d), (c), (a), (b) |
| (3) | (c), (d), (b), (a) | (4) | (b), (a), (d), (c) |

**55.** ସମୟାନୁକ୍ରମେ ସଜାଅ ।

(a) ସମର ତରଙ୍ଗ

(b) ପ୍ରେମ ପଞ୍ଚାମୃତ

(c) ଅନଙ୍ଗରେଖା

(d) ପ୍ରେମ ଚିନ୍ତାମଣି

**Code :**

| | | | |
|---|---|---|---|
| (1) | (c), (b), (d), (a) | (2) | (c), (b), (a), (d) |
| (3) | (b), (c), (d), (a) | (4) | (a), (c), (b), (d) |

**56.** ନିମ୍ନ ଆଳଙ୍କାରିକ ମାନଙ୍କୁ କାଳାନୁକ୍ରମିକ ଭାବେ ସଜାଅ ।

(a) ଆଚାର୍ଯ୍ୟ ଦଣ୍ଡୀ

(b) ଆଚାର୍ଯ୍ୟ କୁନ୍ତକ

(c) ରୁଦ୍ରଟ

(d) ଆନନ୍ଦ ବର୍ଦ୍ଧନ

**Code :**

| | | | |
|---|---|---|---|
| (1) | (a), (c), (d), (b) | (2) | (c), (a), (b), (d) |
| (3) | (c), (d), (b), (a) | (4) | (d), (b), (c), (a) |

**57.** ସଚ୍ଚି ରାଉତରାୟଙ୍କ ନିମ୍ନ କବିତା ସଂକଳନଗୁଡ଼ିକୁ ପ୍ରକାଶ କାଳ ଅନୁଯାୟୀ ସଜାଅ ।

(a) ବାଜିରାଉତ

(b) ପୂର୍ଣ୍ଣିମା

(c) ପଲ୍ଲିଶ୍ରୀ

(d) ଅଭିଯାନ

**Code :**

(1) (c), (d), (a), (b) (2) (b), (d), (c), (a)

(3) (d), (b), (a), (c) (4) (a), (b), (c), (d)

**58.** 'କ' ସ୍ତମ୍ଭ ସହିତ 'ଖ' ସ୍ତମ୍ଭର ସଂପର୍କ ନିରୂପଣ କର ।

| **'କ' ସ୍ତମ୍ଭ** | **'ଖ' ସ୍ତମ୍ଭ** |
|---|---|
| (a) ବଳରାମ ଦାସ | (i) ଗରୁଡ଼ ଗୀତା |
| (b) ଜଗନ୍ନାଥ ଦାସ | (ii) ଅମରକୋଷ ଗୀତା |
| (c) ଅଚ୍ୟୁତାନନ୍ଦ ଦାସ | (iii) ଦାରୁବ୍ରହ୍ମ ଗୀତା |
| (d) ଯଶୋବନ୍ତ ଦାସ | (iv) ପ୍ରେମଭକ୍ତି ବ୍ରହ୍ମଗୀତା |

| | (a) | (b) | (c) | (d) |
|---|---|---|---|---|
| (1) | (iii) | (ii) | (iv) | (i) |
| (2) | (ii) | (iii) | (i) | (iv) |
| (3) | (ii) | (i) | (iii) | (iv) |
| (4) | (i) | (ii) | (iv) | (iii) |

**59.** 'କ' ସ୍ତମ୍ଭର ପୁସ୍ତକ ସହିତ 'ଖ' ସ୍ତମ୍ଭର ଲେଖକମାନଙ୍କର ଉପଯୁକ୍ତ ସଂପର୍କ ନିରୂପଣ କର ।

| **'କ' ସ୍ତମ୍ଭ** | **'ଖ' ସ୍ତମ୍ଭ** |
|---|---|
| (a) ଓଡ଼ିଆ ଲିପି ଓ ଭାଷା | (i) ବେଣୀମାଧବ ପାଢ଼ୀ |
| (b) ଓଡ଼ିଆ ଭାଷା ଓ ଲିପିର ବିବର୍ତ୍ତନ | (ii) ସତ୍ୟନାରାୟଣ ରାଜଗୁରୁ |
| (c) ଓଡ଼ିଆ ଭାଷାର ରୂପତତ୍ତ୍ୱ | (iii) ଖଗେଶ୍ୱର ମହାପାତ୍ର |
| (d) ଓଡ଼ିଆ ଲିପିର କ୍ରମବିକାଶ | (iv) କୁଞ୍ଜବିହାରୀ ତ୍ରିପାଠୀ |

| | (a) | (b) | (c) | (d) |
|---|---|---|---|---|
| (1) | (iii) | (ii) | (i) | (iv) |
| (2) | (i) | (iii) | (ii) | (iv) |
| (3) | (iii) | (i) | (iv) | (ii) |
| (4) | (iii) | (iv) | (i) | (ii) |

**60.** 'କ' ସ୍ତମ୍ଭର ସ୍ଥାନଗୁଡିକ ସହିତ 'ଖ' ସ୍ତମ୍ଭର ଉପଯୁକ୍ତ ଉପନ୍ୟାସ ଗୁଡ଼ିକର ସଂପର୍କ ସ୍ଥାପନ କର ।

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| (a) ଶିରିପୁର | (i) ଦିଗଦିହୁଡ଼ି |
| (b) ପାଟେଳି ଗାଁ | (ii) ଶିବଭାଇ |
| (c) ହୁମୁରା | (iii) ବୁନ୍ଦାଏ ପାଣି |
| (d) ଡୁମ୍ରିଗୁଡ଼ା | (iv) ମାଟିମଟାଳ |

| | (a) | (b) | (c) | (d) |
|---|---|---|---|---|
| (1) | (i) | (iv) | (iii) | (ii) |
| (2) | (iv) | (iii) | (ii) | (i) |
| (3) | (iii) | (iv) | (i) | (ii) |
| (4) | (iii) | (iv) | (ii) | (i) |

**61.** 'କ' ସ୍ତମ୍ଭ ସହିତ 'ଖ' ସ୍ତମ୍ଭର ସଂପର୍କ ନିରୂପଣ କର ।

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| (a) କବିତା ୧୯୬୨ | (i) ଆଶୁତୋଷ ପରିଡ଼ା |
| (b) ପୂର୍ବାପର | (ii) ଜଗନ୍ନାଥ ପ୍ରସାଦ ଦାସ |
| (c) ଧାନ ସାଉଁଟା ଝିଅ | (iii) ସଚ୍ଚି ରାଉତରାୟ |
| (d) ଚଣ୍ଡାଳ | (iv) ହୃଷୀକେଶ ମଲ୍ଲିକ |

| | (a) | (b) | (c) | (d) |
|---|---|---|---|---|
| (1) | (iii) | (ii) | (iv) | (i) |
| (2) | (iii) | (ii) | (i) | (iv) |
| (3) | (ii) | (iii) | (iv) | (i) |
| (4) | (iv) | (iii) | (ii) | (i) |

**62.** 'କ' ସ୍ତମ୍ଭର ଲେଖକ ମାନଙ୍କ ସହିତ 'ଖ' ସ୍ତମ୍ଭର ଜୀବନୀଗ୍ରନ୍ଥ ଗୁଡ଼ିକର ସଂପର୍କ ସ୍ଥିର କର ।

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| (a) ଶ୍ରୀ ପଠାଣି ପଟ୍ଟନାୟକ | (i) ରାୟ ରାମାନନ୍ଦ |
| (b) ଡ. ମଧୁସୂଦନ ପତି | (ii) ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମା |
| (c) ଶ୍ରୀମତୀ ସରଳା ଦେବୀ | (iii) କବି ମନୀଷୀ ନୀଳକଣ୍ଠ |
| (d) ଡ. ବନମାଳୀ ରଥ | (iv) ଭକ୍ତ କବି ମଧୁସୂଦନ ରାଓ |

| | (a) | (b) | (c) | (d) |
|---|---|---|---|---|
| (1) | (ii) | (i) | (iv) | (iii) |
| (2) | (iii) | (iv) | (ii) | (i) |
| (3) | (iii) | (iv) | (i) | (ii) |
| (4) | (iv) | (iii) | (ii) | (i) |

**63.** 'କ' ସ୍ତମ୍ଭର ଚରିତ୍ରମାନଙ୍କୁ 'ଖ' ସ୍ତମ୍ଭର ଉପଯୁକ୍ତ ନାଟକ ସହ ସଂଯୁକ୍ତ କର ।

| **'କ' ସ୍ତମ୍ଭ** | **'ଖ' ସ୍ତମ୍ଭ** |
|---|---|
| (a) ଇଛାମତୀ | (i) ଦୁଇଟି ସୂର୍ଯ୍ୟଦଗ୍ଧ ଫୁଲକୁ ନେଇ |
| (b) ଅଜନ୍ତା | (ii) ତଟ ନିରଂଜନା |
| (c) ରାଣୀ | (iii) ଜଣେ ରାଜାଥିଲେ |
| (d) ଦେବୀ | (iv) ଶବବାହକମାନେ |

| | (a) | (b) | (c) | (d) |
|---|---|---|---|---|
| (1) | (iv) | (ii) | (i) | (iii) |
| (2) | (ii) | (i) | (iv) | (iii) |
| (3) | (ii) | (iv) | (iii) | (i) |
| (4) | (ii) | (iv) | (i) | (iii) |

**64.** 'କ' ସ୍ତମ୍ଭ ସହିତ 'ଖ' ସ୍ତମ୍ଭର ସଂପର୍କ ନିରୂପଣ କର ।

| **'କ' ସ୍ତମ୍ଭ** | **'ଖ' ସ୍ତମ୍ଭ** |
|---|---|
| (a) ବିଜୟ୍ ପ୍ରସାଦ ମହାପାତ୍ର | (i) ଦକ୍ଷିଣାଞ୍ଚଳୀୟ ଓଡ଼ିଆ |
| (b) ଗୋଲୋକ ବିହାରୀ ଧଳ | (ii) Origin and Development of Oriya Language and Script |
| (c) ଖଗେଶ୍ୱର ମହାପାତ୍ର | (iii) ଓଡ଼ିଆ ଭାଷା ବିଭବ |
| (d) କୁଞ୍ଜବିହାରୀ ତ୍ରିପାଠୀ | (iv) ଧ୍ୱନି ବିଜ୍ଞାନ |

| | (a) | (b) | (c) | (d) |
|---|---|---|---|---|
| (1) | (iv) | (i) | (iii) | (ii) |
| (2) | (iii) | (iv) | (i) | (ii) |
| (3) | (iii) | (i) | (iv) | (ii) |
| (4) | (i) | (iii) | (ii) | (iv) |

**65.** 'କ' ସ୍ତମ୍ଭର ଲେଖକଙ୍କ ସହିତ 'ଖ' ସ୍ତମ୍ଭର ଉପଯୁକ୍ତ ସଂପୃକ୍ତି ନିରୂପଣ କର ।

| **'କ' ସ୍ତମ୍ଭ** | **'ଖ' ସ୍ତମ୍ଭ** |
|---|---|
| (a) ମଧୁସୂଦନ ରାଓ | (i) ଓଭିଡ୍ |
| (b) ସଚ୍ଚି ରାଉତରାୟ୍ | (ii) ଭବଭୂତି |
| (c) ଗଙ୍ଗାଧର ମେହେର | (iii) ଉପନିଷଦ |
| (d) ରାଧାନାଥ ରାୟ୍ | (iv) ମାୟ୍କୋଭସ୍କି |

| | (a) | (b) | (c) | (d) |
|---|---|---|---|---|
| (1) | (ii) | (iii) | (i) | (iv) |
| (2) | (iii) | (iv) | (ii) | (i) |
| (3) | (iii) | (iv) | (i) | (ii) |
| (4) | (iv) | (iii) | (ii) | (i) |

66. ନିମ୍ନରେ ଦୁଇଟି ମନ୍ତବ୍ୟ ରହିଛି । ପ୍ରଥମଟି ସ୍ଥାପନା (A) ଓ ଦ୍ୱିତୀୟଟି ଯୁକ୍ତି (R) । ନିମ୍ନ ବିକଳ୍ପ ଗୁଡ଼ିକରୁ ନିଜ ଉତ୍ତରଟି ସ୍ଥିର କର ।

**ସ୍ଥାପନା** (Assertion) :

ଦୁଃଖହିଁ ସତ୍ୟ, ଦୁଃଖର ପ୍ରଖରତା ହିଁ ପ୍ରକୃତ ବିଜ୍ଞାନ, ଦୁଃଖର ବିସ୍ତାର ହିଁ ଦର୍ଶନର ସାର, ଦୁଃଖର ପରିବର୍ଦ୍ଧନ ହିଁ ପ୍ରକୃଷ୍ଟ ଧର୍ମ ସାଧନ ।

**ଯୁକ୍ତି** (Reasoning) :

ଧର୍ମ କହିଲେ ଦୁଃଖର ପୁଞ୍ଜିଭୂତ ରୂପ । ସେହିଥିରୁ ବ୍ୟକ୍ତିର ଉପଲବ୍ଧି ଗଭୀରତର ହୁଏ । ଏହାହିଁ ତାକୁ ପ୍ରକୃତ ଜ୍ଞାନ ସଂପର୍କରେ ଧାରଣା ଦିଏ ।

(1) (A) ଓ (R) ଉଭୟ ଭୁଲ
(2) (A) ଠିକ୍ ଓ (R) ଭୁଲ
(3) (A) ଭୁଲ ଓ (R) ଠିକ୍
(4) (A) ଓ (R) ଉଭୟ ଠିକ୍

67. **ସ୍ଥାପନା** (Assertion) :

ପ୍ରୀତି ଅନେକ ପରିମାଣରେ ଆତ୍ମପ୍ରସାଦ ଆଣେ । ଅବଶ୍ୟ ମାନବର ଏଥିରେ ଆନନ୍ଦ ହୁଏ ; ମାତ୍ର ପ୍ରକାଶିତ ନହେଲେ, ପ୍ରୀତି ପ୍ରୀୟମାଣର ବିଶେଷ କୌଣସି ଉପକାର କରେ ନାହିଁ । ପ୍ରକାଶିତ ପ୍ରୀତି ଅମୂଲ୍ୟ । ମାତା ଏହି ପ୍ରୀତିର ଅବତାର ।

**ଯୁକ୍ତି** (Reasoning) :

ମଣିଷର ଆତ୍ମପ୍ରସାଦ ପାଇଁ କେବଳ ପ୍ରୀତି ହିଁ କାରଣ ।

ଏହା ବ୍ୟତୀତ ମାନବ ଆନନ୍ଦଲାଭ କରିପାରେ ନାହିଁ ।

(1) (A) ଠିକ୍ ଓ (R) ଭୁଲ
(2) (A) ଓ (R) ଉଭୟ ଠିକ୍
(3) (A) ଓ (R) ଉଭୟ ଭୁଲ
(4) (A) ଭୁଲ ଓ (R) ଠିକ୍

68. **ସ୍ଥାପନା** (Assertion) :

ବ୍ୟକ୍ତିର ବୁଦ୍ଧି ଯଦି ସ୍ଥିର ଓ ବ୍ୟବସ୍ଥିତ ନ ରହେ, ଯଦି ସବୁଦିଗ ପ୍ରତି ସତର୍କ ସାବଧାନ ଓ ନିରପେକ୍ଷ ନ ରହେ ଏବଂ ତା'ର ହୃଦୟ ଯଦି ଶୁଭ ଭାବନା ପୂର୍ଣ୍ଣ, ଆତ୍ମ ସଚେତନ ଓ ଶୁଭାବେଗ ଯୁକ୍ତ ନରହେ – ଏବଂ ବ୍ୟକ୍ତି ଯଦି ଆପଣାର କାର୍ଯ୍ୟ, ଚିନ୍ତା ଓ ଭାବାବେଶ ଜନିତ ଭୁଲ ଠିକ ଗୁଡ଼ିକୁ ବିଶ୍ଳେଷଣ କରି ବୁଝିବାରେ ତତ୍ପରତା ନଦେଖାଏ ତା'ହେଲେ ସେ ବ୍ୟକ୍ତିର ହୃଦୟରେ କାଣ୍ଡଜ୍ଞାନ ଆଦୌ ଉଦିତ ବା ଜାଗ୍ରତ ହେବନାହିଁ ।

**ଯୁକ୍ତି** (Reasoning) :

ବ୍ୟକ୍ତିର ଉପରୋକ୍ତ ତତ୍ପରତା ଫଳରେ ହିଁ ସଂସାରରେ ସୌହାର୍ଦ୍ଦ୍ୟ ଓ ସଂପ୍ରୀତି ସ୍ଥାପିତ ହୋଇପାରିବ, ଅନ୍ୟଥା ବ୍ୟକ୍ତିର ଅବକ୍ଷୟ ସହିତ ସାଂସାରିକ ଅବକ୍ଷୟ ନିଶ୍ଚିତ ।

(1) (A) ଭୁଲ ଓ (R) ଠିକ୍
(2) (A) ଓ (R) ଉଭୟ ଭୁଲ
(3) (A) ଓ (R) ଉଭୟ ଠିକ୍
(4) (A) ଠିକ୍ ଓ (R) ଭୁଲ

**69.** ସ୍ଥାପନା (Assertion) :

ଯୌବନ ଓ ପ୍ରଣୟର ବର୍ଣ୍ଣ-ଗନ୍ଧସବୁକୁ ଉତ୍ତମ ରାଗ-ରାଗିଣୀରେ ପ୍ରକାଶ କରି, ଉପେନ୍ଦ୍ର-ସଂଗୀତ ସମଗ୍ର ଓଡ଼ିଶାରେ ଏପର୍ଯ୍ୟନ୍ତ ଜନପ୍ରିୟ୍ ରହିଛି ।

ଯୁକ୍ତି (Reasoning) :

ଉପେନ୍ଦ୍ରଙ୍କ ଜନପ୍ରିୟତାର ଏକମାତ୍ର କାରଣ ସେ ଯୌବନର ଗାଥା ଗାନ କରିଛନ୍ତି ।

(1) (A) ଓ (R) ଉଭୟ ଠିକ୍ (2) (A) ଠିକ୍ ଓ (R) ଭୁଲ

(3) (A) ଭୁଲ ଓ (R) ଠିକ୍ (4) (A) ଓ (R) ଉଭୟ ଭୁଲ

**70.** ସ୍ଥାପନା (Assertion) :

କର୍ମ-ଜୀବନକୁ ଯୌବନର ପ୍ରେରଣା ଅତ୍ୟଧିକ ଭାବରେ ନିୟନ୍ତ୍ରିତ କରେ । ଜଗତର ସୌନ୍ଦର୍ଯ୍ୟକୁ ସ୍ପଷ୍ଟରୂପେ ପ୍ରକାଶ କରିବାକୁ ଯୌବନ କେବଳ ସମର୍ଥ ହୋଇଥାଏ ।

ଯୁକ୍ତି (Reasoning) :

ଜଗତରେ କର୍ମ କରିଯିବାର ପ୍ରକୃଷ୍ଟ ବେଳ ଯୌବନ ।

ଯୌବନରେ ଥାଏ ଅନୁପ୍ରେରଣା ଓ ସାମର୍ଥ୍ୟ ।

(1) (A) ଓ (R) ଉଭୟ ଠିକ୍ (2) (A) ଓ (R) ଉଭୟ ଭୁଲ

(3) (A) ଠିକ୍ ଓ (R) ଭୁଲ (4) (A) ଭୁଲ ଓ (R) ଠିକ୍

**71.** ସ୍ଥାପନା (Assertion) :

ମଣିଷ ପ୍ରକୃତି ଉପରେ ଅନେକ ଅତ୍ୟାଚାର କରିଛି । ଏହି ଅତ୍ୟାଚାରର ପରିଣାମ ତାକୁ ଭୋଗିବାକୁ ହେବ । ଏ କଥା ନିରାଟ ସତ ଯେ, ନିଜ ସ୍ୱାର୍ଥ ଦୃଷ୍ଟିରୁ ଏଣିକି ମଣିଷ ପ୍ରକୃତି ପ୍ରତି ଯତ୍ନଶୀଳ ହେବା ଜରୁରୀ ହୋଇ ପଡ଼ିଛି ।

ଯୁକ୍ତି (Reasoning) :

ମଣିଷ ଓ ପ୍ରକୃତି ପରସ୍ପର ନିର୍ଭରଶୀଳ । ଜଣକ ବ୍ୟତୀତ ଅନ୍ୟର ସତ୍ତା ହେବ ସଂକଟାପନ୍ନ । ପ୍ରକୃତି ବିନା ମଣିଷ ଯେପରି ସଂକଟରେ ପଡ଼ିବ, ମଣିଷ ବିନା ମଧ୍ୟ ପ୍ରକୃତି ହେବ ସେହିପରି ସଂକଟଯୁକ୍ତ ।

(1) (A) ଭୁଲ ଓ (R) ଠିକ୍ (2) (A) ଓ (R) ଉଭୟ ଭୁଲ

(3) (A) ଓ (R) ଉଭୟ ଠିକ୍ (4) (A) ଠିକ୍ ଓ (R) ଭୁଲ

ନିମ୍ନ ଅନୁଚ୍ଛେଦଟି ପଢ଼ି ପରବର୍ତ୍ତୀ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ ।

ଅତି ସମ୍ଭ୍ରାନ୍ତ ବ୍ରାହ୍ମଣକୁଳରେ ଜାତ ହୋଇଥିଲେ ହେଁ, ଯୁକ୍ତିବାଦୀ ବିଶ୍ୱନାଥ, ମଧୁସୂଦନ ରାଓଙ୍କ ପୁଣ୍ୟ ସଂପର୍କରେ ଆସି ଜୀବନାରମ୍ଭରେ ନିଜର କୌଳିକ ହିନ୍ଦୁଧର୍ମ ଛାଡ଼ି ବ୍ରାହ୍ମଧର୍ମ ଗ୍ରହଣ କଲେ ଓ ବହୁବର୍ଷ ଧରି ନିଜର ସତ୍ୟ-ବୋଧ ପାଇଁ, ସାମାଜିକ ବିବାଦ ଓ ଦାରିଦ୍ର୍ୟର ସମ୍ମୁଖୀନ ହେଲେ । ବିଶ୍ୱନାଥ କିନ୍ତୁ ସାରା ଜୀବନ ତାଙ୍କର ଏହି ଭୟହୀନ ବିଚାର ଶକ୍ତିକୁ ବଞ୍ଚାଇ ରଖିଥିଲେ । ବ୍ୟକ୍ତି ନିର୍ବିଶେଷରେ ସେ ଯାହା ସତ୍ୟ ତାହା ପ୍ରକାଶ କରିବାକୁ ଛାଡୁନଥିଲେ । ରାଧାନାଥ ରାୟଙ୍କ ବିରୁଦ୍ଧରେ ତାଙ୍କର କଠୋର ମନ୍ତବ୍ୟ ପ୍ରାଚୀନ ଉତ୍କଳ ସାହିତ୍ୟର ପୃଷ୍ଠାରେ ଆଜିବି ଦ୍ରଷ୍ଟବ୍ୟ ; କିନ୍ତୁ ଉତ୍କଳ ସାହିତ୍ୟ ‘ସଂପାଦକୀୟ’ ରେ ପ୍ରକାଶିତ ବିଶ୍ୱନାଥଙ୍କ ଅକୁତୋଭୟ କଠୋର ମନ୍ତବ୍ୟ ଓ ଆକ୍ରମଣାଦି, ଠିକ ସେହି କାରଣରୁହିଁ, ସମଗ୍ର ଉତ୍କଳରେ ପଠିତ, ଆଦୃତ ଓ ସମ୍ମାନିତ ହେଉଥିଲା । ତାଙ୍କର ଗଦ୍ୟଶୈଳୀ ଥିଲା ନିରଳଂକୃତ, ତର୍କସିଦ୍ଧ, ସ୍ୱଷ୍ଟ ଓ ବଳବାନ । ସେଥିରେ କୌଣସି ପ୍ରୟାସର ଚିହ୍ନ ନଥିଲା । ତାଙ୍କ ଲେଖନୀରୁ ଆମେ କେବଳ ଖଣ୍ଡିଏ ମାତ୍ର ପୁସ୍ତିକା ‘ବିବିଧ ପ୍ରବନ୍ଧ’ ପାଇଛୁ ; କିନ୍ତୁ ସେଥିରେ ଆମେ ଚିନ୍ତା ଉଦ୍ରେକକାରୀ ଏପରି କେତୋଟି ପ୍ରବନ୍ଧ ପାଉଁ, ଯାହା ସମଗ୍ର ଓଡ଼ିଆ ସାହିତ୍ୟରେ ଦେଖିବାକୁ ମିଳେନା । ଉପେନ୍ଦ୍ର ଭଞ୍ଜଙ୍କ କାବ୍ୟ-କବିତାକୁ ନେଇ ଯାହା କିଛି ବାଦାନୁବାଦ, ବିଶ୍ୱନାଥଙ୍କ ତତ୍‌ସଂପୃକ୍ତ ପ୍ରବନ୍ଧ ସେସବୁର ଶେଷ ନିଷ୍ପତ୍ତି କହିଲେ ଚଳେ ।

**72.** ବିଶ୍ୱନାଥଙ୍କ ବ୍ରାହ୍ମଧର୍ମ ଗ୍ରହଣ କରିବାର ମୂଳ କାରଣ କ’ଣ ?

(1) ତାଙ୍କର ଯୁକ୍ତିବାଦିତା
(2) ମଧୁସୂଦନ ରାଓଙ୍କ ସଂସର୍ଗ
(3) ସତ୍ୟପାଇଁ ଆଗ୍ରହ
(4) ବ୍ରାହ୍ମଧର୍ମର ସୁବିଧା ସୁଯୋଗ

**73.** ଉତ୍କଳ ସାହିତ୍ୟର ସଂପାଦକୀୟଗୁଡ଼ିକ ଆଦୃତ ହେବାର କାରଣ କ’ଣ ?

(1) ଏହାର ନିର୍ଭୁଲ ମୁଦ୍ରଣ
(2) ଏହାର ରଚନା ସଂକ୍ଷିପ୍ତତା
(3) ସଂପାଦକଙ୍କ ଅକୁତୋଭୟ ବିଚାରଶକ୍ତି
(4) ପତ୍ରିକାର ବିପୁଳ ପ୍ରସାର

**74.** ବିଶ୍ୱନାଥଙ୍କ ଗଦ୍ୟ ଶୈଳୀର ବୈଶିଷ୍ଟ୍ୟ ଥିଲା :

(1) ଏହାର ସରଳ, ଯୁକ୍ତିପୂର୍ଣ୍ଣ ରଚନା
(2) ଏହାର ଆଳଙ୍କାରିକ ଭାଷା
(3) ଏହାର ଯୁକ୍ତିହୀନତା
(4) ଏହାର ସୁଦୀର୍ଘ ରଚନାରୂପ

**75.** ଉପେନ୍ଦ୍ର ଭଞ୍ଜଙ୍କ ସାହିତ୍ୟ ସଂପର୍କୀୟ ବାଦବିବାଦର ଶେଷ ନିଷ୍ପତ୍ତି କେଉଁଟି ବୋଲି ଉଲ୍ଲିଖିତ ?

(1) ବିଶ୍ୱନାଥଙ୍କ ଧର୍ମ ମତ
(2) ବିଶ୍ୱନାଥଙ୍କ ବ୍ୟକ୍ତିତ୍ୱ
(3) ବିଶ୍ୱନାଥଙ୍କ ସଂପାଦକୀୟ
(4) ବିଶ୍ୱନାଥଙ୍କ ପ୍ରବନ୍ଧ

**Space For Rough Work**